# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 October - 2024**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିକୁ ଅନୁମୋଦନ କଲେ କେନ୍ଦ୍ର ସରକାର
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ଏବଂ ପେନସନଭୋଗୀମାନଙ୍କ ମହଙ୍ଗା ସହାୟତାରେ ଅତିରିକ୍ତ ୩ ପ୍ରତିଶତ ବୃଦ୍ଧି ଘୋଷଣା
- ହରିୟାଣା ଏବଂ ମୁମ୍ବାଇ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

— ଚଣ୍ଡିଗଡରେ ଆସନ୍ତାକାଲି ନବଗଠିତ ହରିୟାଣା ସରକାରଙ୍କ ଶପଥଗ୍ରହଣ ସମାରୋହରେ ଯୋଗଦେବେ

ଏବଂ

- ରାଜ୍ୟର ପୁରପଲ୍ଲୀରେ ଆଜି ପାଳନ କରାଯାଉଛି ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ

## ଏମ୍‌ଏସ୍‌ପି ବୃଦ୍ଧି

କେନ୍ଦ୍ର ସରକାର ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ-**ଏମ୍‌ଏସ୍‌ପି** ବୃଦ୍ଧିକୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ୨୦୨୫-୨୬ ବିପଣନ ଋତୁ ପାଇଁ ରବି ଫସଲ ଲାଗି ଏହି ଅନୁମୋଦନ କରାଯାଇଛି। କଳା ଓ ଧଳା ସୋରିଷ ପାଇଁ ଏମ୍‌ଏସ୍‌ପିରେ ସର୍ବାଧିକ କୁଇଣ୍ଟାଲ ପିଛା ୩୦୦ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ମସୁର ଡାଲି ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୭୫ ଟଙ୍କା ବୃଦ୍ଧି ଘୋଷଣା କରାଯାଇଛି। ଚଣା ପାଇଁ ୨୧୦ଟଙ୍କା, ଗହମ ୧୫୦ ଟଙ୍କା, କୁସୁମ ତୈଳବୀଜ ୧୪୦ ଟଙ୍କା, ଓ ଯଅ ପାଇଁ ୧୩୦ଟଙ୍କା କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ବୃଦ୍ଧି କରାଯାଇଛି।

ରବି ଫସଲର ସର୍ମନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ସମ୍ବନ୍ଧୀୟ କ୍ୟାବିନେଟ୍ ନିଷ୍ପତ୍ତିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଦୀପାବଳି ପୂର୍ବରୁ ଦେଶର କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କର ଏକ ବଡ଼ ଉପହାର ବୋଲି ସେ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

## କେନ୍ଦ୍ର କ୍ୟାବିନେଟ୍‌ରେ ଭତ୍ତା ବୃଦ୍ଧି

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା-**ଡିଏ** ଏବଂ ପେନସନଭୋଗୀମାନଙ୍କ ମହଙ୍ଗା ସହାୟତା **ଡିଆର୍**ରେ ଅତିରିକ୍ତ କିସ୍ତି ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦରଦାମ୍ ବୃଦ୍ଧିର

ଭରଣା ପାଇଁ ମୂଳ ବେତନ ଓ ବର୍ତ୍ତମାନ ପେନସନର ୫୦ ପ୍ରତିଶତ ମହଙ୍ଗା ଭତ୍ତା ଉପରେ ଅତିରିକ୍ତ **ତିନି** ପ୍ରତିଶତ ବୃଦ୍ଧିକୁ ମଞ୍ଜୁରୀ ମିଳିଛି। ପିଛିଲା ଭାବେ ୨୦୨୪ ଜୁଲାଇ ମାସରୁ ଏହା ଲାଗୁ ହେବ। ଏହାଦ୍ୱାରା ପ୍ରାୟ ୪୯ ଲକ୍ଷ ୧୮ ହଜାର କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୪ ଲକ୍ଷ ୮୯ ହଜାର ପେନସନଭୋଗୀ ଉପକୃତ ହେବେ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଆଧାରରେ ଏହି ବୃଦ୍ଧି କରାଯାଇଛି। ଉଭୟ ଡିଏ ଓ ଡିଆର୍ ବୃଦ୍ଧି ଯୋଗୁଁ ରାଜକୋଷ ଉପରେ ବାର୍ଷିକ ୯ ହଜାର ୪୪୮ କୋଟି ୩୫ ଲକ୍ଷ ଟଙ୍କାର ମିଶ୍ରିତ ବୋଝ ପଡ଼ିବ।

## ମୁଖ୍ୟମନ୍ତ୍ରୀ-ହରିୟାଣା

ହରିୟାଣା-ବିଜେପି ବିଧାୟକ ଦଳର ନେତା ଭାବେ ନିର୍ବାଚିତ ହେବା ପରେ ନାଏବ୍ ସିଂ ସୈନୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସୈନୀଙ୍କ ନେତୃତ୍ୱରେ ହରିୟାଣାର ବିକାଶ ଯାତ୍ରା ଆଗକୁ ବଢ଼ିବ ଓ ରାଜ୍ୟ ନୂଆ ଶିଖରରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ହରିୟାଣା ଓ ମୁମ୍ବାଇ ଗସ୍ତରେ ଯାଇଛନ୍ତି । ଆସନ୍ତାକାଲି ଚଣ୍ଡିଗଡରେ ନବଗଠିତ ହରିୟାଣା ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ।

ଚଣ୍ଡିଗଡରେ ଏନ.ଡି.ଏ. ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ବୈଠକରେ ମଧ ଶ୍ରୀ ମାଝୀ  ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ଅପରାହ୍ନ ଓ ଶନିବାର ସକାଳେ ସେ ମୁମ୍ବାଇରେ ଆଗାମୀ 'ମେକ୍ ଇନ୍ ଓଡିଶା' ପାଇଁ ନିବେଶକ ସମ୍ମିଳନୀରେ ଯୋଗଦେବେ । ସେହିଦିନ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

## ଏକ ଲ' ରିଭିଜନ୍ କମିଶନ ଗଠନ

ଅଦରକାରୀ ଆଇନ୍‌ଗୁଡ଼ିକୁ ପ୍ରତ୍ୟାହାର କରିବା ଲକ୍ଷ୍ୟରେ ଖୁବ୍‌ଶୀଘ୍ର ଏକ ଲ' ରିଭିଜନ୍ କମିଶନ ଗଠନ କରାଯିବ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସମୟକ୍ରମେ ଆଇନ୍‌ଗୁଡ଼ିକର ସଂଶୋଧନ ଓ ନବୀକରଣ କରିବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଆଗାମୀ ୪୫ ଦିନ ମଧ୍ୟରେ ଲ'ରିଭିଜନ କମିଶନ ଗଠନ ହେବ ବୋଲି ସେ କହିଛନ୍ତି। କମିଟିର ସୁପାରିଶ୍ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ସ୍ୱାସ୍ଥ୍ୟମନ୍ତ୍ରୀ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି ଭାରତ ସରକାରଙ୍କ କ୍ଷେତ୍ରୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ କେନ୍ଦ୍ର-ଆର.ଏମ.ଆର.ସି.ର ବୈଜ୍ଞାନିକ ମାନଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସୁଦୃଢ଼ କରିବା ନିମନ୍ତେ ଭୁବନେଶ୍ୱର ସ୍ଥିତ ଆର.ଏମ.ଆର.ସି.ର ବୈଜ୍ଞାନିକମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା

ହୋଇଥିବା  ସାମାଜିକ ଗଣମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ସବୁବେଳେ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

## ଗଜଲକ୍ଷ୍ମୀ ପୂଜା

ରାଜ୍ୟର ପୁରପଲ୍ଲୀରେ ଆଜି ଗଜଲକ୍ଷ୍ମୀ ପୂଜା ଓ କୁମାର ଉତ୍ସବ ପାଳନ କରାଯାଉଛି । ଆସନ୍ତାକାଲି କୁମାରପୂର୍ଣ୍ଣିମା ଓ ତା'ପରଦିନ ଠାରୁ କାର୍ତ୍ତିକବ୍ରତ ଆରମ୍ଭ ହେବ । ଆଜିଠାରୁ ମହାଲକ୍ଷ୍ମୀଙ୍କ ପଞ୍ଚଦିନାତ୍ମକ ପୂଜା ଆରମ୍ଭ ହୋଇଛି । କଟକ ମହାନଗରୀର ବିଭିନ୍ନ ପୂଜାମଣ୍ଡପ, ବାଙ୍କୀ, କେନ୍ଦ୍ରାପଡା ଓ ଅନୁଗୋଳ ସମେତ ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କୁ ପୂଜା ଆରାଧନା କରାଯାଉଛି ।

**କେନ୍ଦ୍ରାପଡା** ଜିଲ୍ଲାରେ ଗଜଲକ୍ଷ୍ମୀ ପୂଜା ଆଜିଠାରୁ ଆରମ୍ଭ ହୋଇଛି । ସନ୍ଧ୍ୟାରେ ବିଭିନ୍ନ ପୂଜାମଣ୍ଡପରେ ଧାର୍ମିକ ରୀତିନୀତି ସହ କଳସବୁଡା ଓ ଘଟସ୍ଥାପନ ଆରମ୍ଭ ହୋଇଛି । କେନ୍ଦ୍ରାପଡା ସହରରେ ମୋଟ୍ ୬୮ଟି ଗଜଲକ୍ଷ୍ମୀ ଓ ଅନ୍ୟାନ୍ୟ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବାବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୩୦ରୁ ଊର୍ଦ୍ଧ୍ୱ ପୂଜାମଣ୍ଡପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ଜନଗହଳିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସହର ଓ ଅନ୍ୟାନ୍ୟ ସ୍ଥାନରେ ଆଇନ୍ ଶୃଙ୍ଖଳା ଓ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରାଯାଇଛି ।

**ଢେଙ୍କାନାଳ**ରେ ଆଜିଠାରୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ  ୩୮ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଲକ୍ଷ୍ମୀ ପୂଜା କରାଯାଉଛି ।

ଏହି ଅବସରରେ ସେଠାରେ ୯ଦିନ ଧରି ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେଉଛି। ସେହିପରି ସପ୍ତମ ଜିଲ୍ଲାସ୍ତରୀୟ ଢେଙ୍କାନାଳ ମହୋତ୍ସବ ଆସନ୍ତା ୧୯ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ହେବ।

**ନୟାଗଡ଼** ଜିଲ୍ଲାରେ ପାରମ୍ପରିକ ନୀତିରେ କୁମାରୀମାନେ ଆଜି ସନ୍ଧ୍ୟାରେ ଚାନ୍ଦ ପୂଜା କରିଛନ୍ତି। ନୟାଗଡ଼ ସହର ସମେତ ଗ୍ରାମାଞ୍ଚଳରେ ୩୨ଟି ସ୍ଥାନରେ ମାଆ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା ସ୍ଥାପନ କରାଯାଇଛି।

**ସୁବର୍ଣ୍ଣପୁର** ଜିଲ୍ଲାର ପ୍ରମୁଖ ମାହେଶ୍ୱରୀ ପୀଠଗୁଡ଼ିକରେ କୁମାର ଉତ୍ସବ ଯାତ୍ରା ଅନୁଷ୍ଠିତ ହୋଇଛି। ଜିଲ୍ଲାର ଜାଲୋଏ ଓ କାନପୁରଠାରେ ଦେବନୀତି ଓ ମହାଖଳା ପୂଜା ସମ୍ପନ୍ନ ହେବା ପରେ ଦେବୀଙ୍କ ଛତିଛତ୍ରକୁ ଦେମୁଲୋ ଯାତ୍ରା ପଡିଆକୁ ଶୋଭାଯାତ୍ରାରେ ନିଆଯାଇଛି। ଏହି ଅବସରରେ ବାଦ୍ୟନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

**ରାୟଗଡା** ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଅମ୍ବାଦଳାଠାରେ ବାଘଡଙ୍ଗରୀ ନାଳରୁ ଗଙ୍ଗା ଆବାହନ କରାଯିବା ସହ ଏକ ବିଶାଳ କଳସ ଯାତ୍ରା ଅନୁଷ୍ଠିତ ହୋଇଛି।

## ଅତିରିକ୍ତ ବଜେଟ୍ ପ୍ରସ୍ତୁତି

ରାଜ୍ୟ ସରକାର ଅତିରିକ୍ତ ବଜେଟ୍ ପ୍ରସ୍ତୁତ ନେଇ ବିଭାଗଗୁଡ଼ିକ ପାଖରୁ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଯୋଜନା ଏବଂ ସଂଯୋଜନା ବିଭାଗ ଏବଂ ଅର୍ଥବିଭାଗ ନିକଟରେ ପ୍ରସ୍ତାବ ଦାଖଲ କରିବାକୁ ପ୍ରସ୍ତାବ ଦିଆଯାଇଛି। ଅର୍ଥବିଭାଗ ପ୍ରମୁଖ ସଚିବ ଶାସ୍ୱତ ମିଶ୍ର ଏ ନେଇ ସବୁ

ବିଭାଗକୁ ଚିଠି ଲେଖିଛନ୍ତି। ପ୍ରଶାସନିକ ବ୍ୟୟ ସମ୍ପର୍କିତ ପ୍ରସ୍ତାବ ଆସନ୍ତା ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ବିଧାନସଭାର ଆଗାମୀ ଶୀତକାଳୀନ ଅଧିବେଶନରେ ଚଳିତ ଆର୍ଥିକବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନର ସମ୍ଭାବନା ରହିଛି।

## ବନକଲାଗି ନୀତି

ଆଶ୍ୱିନମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ଆଜି  ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଏହି ବିଶେଷ ନୀତି ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ହୋଇଛି। ତେବେ ବର୍ତ୍ତମାନ ଶ୍ରୀମନ୍ଦିରରେ ଦ୍ୱିତୀୟ ଭୋଗମଣ୍ଡପ ନୀତି ଜାରି ରହିଛି। ଏହା ଆଉ ଅଳ୍ପ ସମୟ ପରେ ଶେଷ ହେବ। ରାତି ୭ଟା ପରେ ବନକ ଲାଗି ନୀତି ଆରମ୍ଭ ହେବ।  ଦତ୍ତମହାପାତ୍ର, ଦଇତାପତି ଓ ଅନ୍ୟ ସେବାୟତମାନେ ମହାପ୍ରଭୁଙ୍କର ଏହି ଶ୍ରୀମୁଖ ଶୃଙ୍ଗାର କରିବେ। ଏହି ଗୁପ୍ତ ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆଜି ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ ଘଣ୍ଟା ଲାଗି ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯାଇଛି।

## ରେଳ ନିରାପତ୍ତା ଓ ରକ୍ଷଣାବେକ୍ଷଣ

ପୂର୍ବତଟ ରେଳପଥ ଅତ୍ୟାଧୁନିକ ୯୬-ଷ୍ଟୋନ ରେଳ ଗ୍ରାଇଣ୍ଡିଂ ମେସିନ୍‌କୁ ଟ୍ରାକଗୁଡିକର ନିରାପତ୍ତା ଏବଂ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ପାଇଁ ଇଷ୍ଟକୋଷ୍ଟର ପରିସୀମା ମଧ୍ୟରେ ନିୟୋଜିତ କରାଯାଇଛି ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଛଇ। ଇତିମଧ୍ୟରେ କାର୍ଯ୍ୟକ୍ଷମ ହୋଇଥିବା ଏହି ମେସିନ୍,

ରେଳଟ୍ରାକ ରକ୍ଷଣାବେକ୍ଷଣ କ୍ଷେତ୍ରରେ ରେଳ ଟ୍ରାକ ଗୁଣବତ୍ତା ବୃଦ୍ଧି ଏବଂ ରେଳ ଟ୍ରାକ୍ ର ଜୀବନକାଳ ବୃଦ୍ଧି କରାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ଅତ୍ୟାଧୁନିକ ଟ୍ରାକ୍ ରକ୍ଷଣାବେକ୍ଷଣ ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ କରି, ପୂର୍ବତଟ ରେଳପଥ ଏହାର ନେଟୱାର୍କରେ ଲକ୍ଷ ଲକ୍ଷ ଯାତ୍ରୀଙ୍କ ପାଇଁ ନିରାପଦ ଯାତ୍ରା ସୁନିଶ୍ଚିତ କରିପାରୁଛି।

## ବିଶ୍ୱ ଖାଦ୍ୟ ଦିବସ

ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତ୍ୟେକ ବର୍ଷ ଆଜିର ଦିବସରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଉଛି। କ୍ଷୁଧା ନିବାରଣକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ନିଆଯାଉଥିବା ଅନେକ ପଦକ୍ଷେପ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ଉଦ୍ଦେଶ୍ୟ। ଚଳିତବର୍ଷର ବାର୍ତ୍ତା ରହିଛି ‘ଏକ ଉନ୍ନତ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଖାଦ୍ୟର ଅଧିକାର’। ୧୯୪୫ ମସିହା ଆଜିର ଦିନରେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରତିଷ୍ଠା କରାଯାଇଥିଲା। ଏହି ଦିବସକୁ ସ୍ମରଣ କରି ପ୍ରତିବର୍ଷ ବିଶ୍ୱ ଖାଦ୍ୟ ଦିବସ ପାଳିତ ହେଉଛି। ଖାଦ୍ୟ ନିରାପତ୍ତା ସହ କୃଷି କ୍ଷେତ୍ରରେ ନିରନ୍ତର ବିକାଶକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

## କାର୍ତ୍ତିକବ୍ରତ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ୧୮ ତାରିଖଠାରୁ ମହାକାର୍ତ୍ତିକ ବ୍ରତ ଉପଲକ୍ଷେ ପ୍ରବଳ ଭକ୍ତ ସମାଗମକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଭକ୍ତମାନେ ଏଣିକି କେବଳ ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିପାରିବେ। ସେହିପରି ସିଂହଦ୍ୱାରକୁ ଛାଡ଼ି ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିପାରିବେ। ତେବେ ସେବାୟତ ଓ ମନ୍ଦିର କାର୍ଯ୍ୟକର୍ତ୍ତା ସିଂହଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରିପାରିବେ।

********************************